Achievements

## ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

## ବର୍ଷାଦିନିଆ ଆଳୁର କ୍ଷେତ୍ର ପ୍ରଦର୍ଶନ






ବିଗତ ବର୍ଷର କ୍ଷେତ୍ର ପରୀକ୍ଷଣର ସଫଳତାକୁ ପାଥେୟକରି କୃଷିବିଜ୍ଞାନ କେନ୍ଦ୍ର ତରଫରୁ ପାତ୍ରପାଲି ଗ୍ରାମରେ ବର୍ଷାଦିନିଆ ଆଳୁଚାଷ ଉପରେ ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହିଥିରେ ଚାଷୀମାନଙ୍କୁ ଆଳୁର ଉନ୍ନତ କିସମ "କୁଫ୍ରି ଜ୍ୟୋତି" ପ୍ରଦାନ କରାଯାଇଥିଲା । ଏହା ସହିତ ସେମାନଙ୍କୁ ଆଳୁର ବିହନ ବିଶୋଧନ, ଜମି ପ୍ରସ୍ତୁତି, ଜଳସେଚନ ପରିଚାଳନା ରୋଗ ଓ ପୋକ ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଜ୍ଞାନକୌଶଳକୁ ଆପଣେଇ ଚାଷୀମାନେ ପ୍ରାୟ ସେମାନଙ୍କ ଜମିରୁ ହେକ୍ଟର ପ୍ରତି ୧୭୧ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ । ସେହି ସମୟରେ ଆଳୁର ବଜାର ଚାହିଦା ଅଧିକ ଥିବାରୁ ସେମାନେ ଏଥିରୁ ବେଶ୍ ଦୁଇପଇସା ଉପାର୍ଜନ କରିପାରିଥିଲେ । ଏହି ଆଳୁର ଅମଳ ପରେ ସେମାନେ ପୁଣିଥରେ ଏହି ଜମିରେ ଶୀତଦିନିଆ ଆଳୁ ଚାଷ କରିବା ପାଇଁ ସମର୍ଥ ହୋଇଛନ୍ତି ।

## ବିରି ଫସଲର ସଫଳ କ୍ଷେତ୍ର ପ୍ରଦର୍ଶନ



କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ଡାଲି ଏବଂ ତୈଳବୀଜ ଫସଲର କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ଗୁରୁଣ୍ଡିଆ ବ୍ଲକ୍‌ର ମଧୁପୁର ଗ୍ରାମରେ ୨୦ ଜଣ ଚାଷୀଙ୍କର ୧୨.୫ ଏକର ଜମିରେ ବିରିର ଉନ୍ନତ କିସମ ପ୍ରସାଦକୁ ବର୍ଷାଋତୁରେ କରାଯାଇଥିଲା । ଏଥିରେ ଠିକ୍ ପ୍ରଣାଳୀରେ ବିହନ ଉପଚାର କରିବା ସଙ୍ଗେ ସଙ୍ଗେ ଅନୁମୋଦିତ ମାତ୍ରାରେ ରାସାୟନିକସାର ଓ ଔଷଧ ପ୍ରୟୋଗ କରିବା ପାଇଁ ଚାଷୀମାନଙ୍କୁ ତାଲିମ୍ ଦିଆଯାଇଥିଲା । ଏହିସବୁ ପ୍ରଦର୍ଶିତ କ୍ଷେତ୍ରରୁ ଚାଷୀମାନେ ହେକ୍ଟର ପ୍ରତି ୭.୫ କ୍ୟୁଣ୍ଟାଲ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ ଅମଳ ଅପେକ୍ଷା ୧୫% ଅଧିକଥିଲା ବିରିର ଏହି ସଫଳତାକୁ ଆଖପାଖ ଚାଷୀମାନେ ହୃଦୟଙ୍ଗମ କରି ଆସନ୍ତା ବର୍ଷରେ ଅଧିକ ଜମିରେ ବିରି ଚାଷ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି ।



## ଚାଷ ସମ୍ବନ୍ଧୀୟ କେତେକ ଆବଶ୍ୟକୀୟ ସୂଚନା

- ରୁଆ ଧାନରେ ହେକ୍ଟର ପ୍ରତି ୨.୫ କି.ଗ୍ରା. ଏଜୋସ୍ପିରିଲିୟମ ଏବଂ ୨.୫ କି.ଗ୍ରା. ଫସ୍ଫୋବ୍ୟାକ୍ଟରକୁ ୬୦ଲିଟର ପାଣିରେ ମିଶାଇ ଏକ ମଣ୍ଡ ପ୍ରସ୍ତୁତ କରନ୍ତୁ ଏବଂ ଏହି ମଣ୍ଡରେ ଧାନତଳି ଚେରକୁ ୨୦ରୁ ୩୦ମିନିଟ୍ ବୁଡ଼ାଇ ରୋପଣ କରନ୍ତୁ ।
- ପିଆଜରେ ଘାସ ନିୟନ୍ତ୍ରଣ କରିବା ପାଇଁ ପିଆଜ ଲଗାଇବାର ୩ଦିନ ମଧ୍ୟରେ ପ୍ରତି ଲିଟର ପାଣିରେ ୦.୪ ମିଲିଲି ଅକ୍ସିଫ୍ଲୋରଫେନ୍ ମିଶାଇ ମାଟିରେ ସିଞ୍ଚନ କରନ୍ତୁ ।
- ପନିପରିବା ନର୍ସରୀ ପାଇଁ ମାଟିକୁ ଭଲଭାବେ ଗୁଣ୍ଡକରି ଏଥିରେ ୧ବର୍ଗ ମିଟର ପ୍ରତି ୨ କି.ଗ୍ରା. ନିମ ବା କରଞ୍ଜ ପିଡ଼ିଆ ପ୍ରୟୋଗ କରନ୍ତୁ ।
- ପାକଶାଳା ବଗିଚାରେ କାକୁଡ଼ି, ଜହ୍ନି, ଛଚିନ୍ଦ୍ରା, ତରଭୁଜ, କଲରା ଏବଂ କଖାରୁ ଚାଷ କରାଯାଇ ପାରେ ।
- ପନିପରିବା ଫସଲରେ ଜଳସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।


### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଡ. ଜୟନ୍ତ କୁମାର ପତି
କାର୍ଯ୍ୟକ୍ରମ ସଂଯୋଜକ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ

**ସହାୟତା:**
ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୫୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail: rourkelakvk@gmail.com
www.kvksundargarh2.org



This News letter is Printed, Published & Owned by Programme Co-ordinator, KVK, Sundargarh-II, Rourkela, Dist: Sundargarh, Pin: 759004, Phone: 0661-2664050, e-mail:rourkelakvk@gmail.com, Web: www.kvksundargarh2.org, Printed at: ankitagraphics, BBSR, Cell:9437077337
Editor: Dr. Jayant Kumar Pati
Chief Editor: Dr. Jayant Kumar Pati


Ispat Krushi Bartta




ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

The Ispat Krushi Bartta

Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ତୃତୀୟ ବର୍ଷ | ଅକ୍ଟୋବର-ଡିସେମ୍ବର ୨୦୧୫ | ତୃତୀୟ ସଂଖ୍ୟା


## ସଂପାଦକୀୟ



ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା ଠାରେ ଦ୍ୱିତୀୟ କୃଷି ବିଜ୍ଞାନ କେନ୍ଦ୍ର ସ୍ଥାନୀୟ ଅଧିବାସୀଙ୍କ ସାମାଜିକ-ଆର୍ଥିକ ଆବଶ୍ୟକତା ଓ ସମସ୍ୟାକୁ ଅନୁଧ୍ୟାନକରି ରୋଜଗାର ଯୋଗାଇବା ନିମନ୍ତେ କୃଷକ ଜମିରେ ପରୀକ୍ଷଣ, ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, ପ୍ରଶିକ୍ଷଣ, ବିଭିନ୍ନ ସଂପ୍ରସାରଣଭିତ୍ତିକ କାର୍ଯ୍ୟକ୍ରମ କରାଯାଉଛି । ମୋବାଇଲ୍ ମାଧ୍ୟମରେ ଜିଲ୍ଲାର ବହୁ ଚାଷୀଙ୍କୁ ବୈଜ୍ଞାନିକତଥ୍ୟ, ବଜାର ସୁବିଧା, ପାଣିପାଗ ଉପରେ ସଚେତନ କରାଯାଉଛି । କୃଷିରେ ଯନ୍ତ୍ରର ବ୍ୟବହାରକୁ ଆଦୃତ କରିବା ତଥା ବ୍ୟବସାୟିକ କୃଷିକୁ ପ୍ରସାର କରିବାକୁ ପ୍ରଚେଷ୍ଟା ଜାରି ରହିଛି । ଜିଲ୍ଲାର ମହିଳାମାନଙ୍କ ରୋଜଗାର ବଢ଼ାଇବା ଓ କୃଷିରେ ଶ୍ରମର ଲାଘବ କରିବା ପାଇଁ ବିଭିନ୍ନ ଯନ୍ତ୍ର ପ୍ରଦର୍ଶନ କରାଯାଉଛି । ଉନ୍ନତ ପ୍ରଜାତିର କୁକୁଡ଼ା ଓ ବତକ ଚିଆଁ ପ୍ରଦାନ, ଛତୁ ପ୍ରଶିକ୍ଷଣ କେନ୍ଦ୍ର ଓ ପନିପରିବା, ଫୁଲଚାରାର ନର୍ସରୀ କରାଯାଇ ଚାଷୀମାନଙ୍କୁ ଉନ୍ନତ ମାନର ଉତ୍ପାଦ ଯୋଗାଇ ଦିଆଯାଉଛି । ଇସ୍ପାତ କୃଷି ବାର୍ତ୍ତା ଆମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କିୟଦଂଶ ।

ଆଶା କରୁଛି କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରକାଶିତ ଏହି କୃଷି ଭିତ୍ତିକ ପତ୍ରିକା ଆମ ଜିଲ୍ଲାରେ କୃଷକ, କୃଷିଜୀବି ମହିଳା ଓ ଯୁବକ-ଯୁବତୀମାନଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ଭାବେ ପରିଗଣିତ ହେବ ।

## ସଂପ୍ରସାରଣ ଅଧ୍ୟକ୍ଷଙ୍କ ବାର୍ତ୍ତା



ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପନ ହେବାଠାରୁ ଏପର୍ଯ୍ୟନ୍ତ ଅନେକ ପ୍ରକାରର କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ତଥା କୃଷି ଓ ଆନୁସଂଗିକ କ୍ଷେତ୍ରରେ ତାଲିମ ପ୍ରଦାନ ଦ୍ୱାରା ଜିଲ୍ଲାର ଅଗଣିତ କୃଷକ, କୃଷିଜୀବୀ ମହିଳା ଏବଂ ବେକାର ଯୁବକ ଓ ଯୁବତୀମାନେ ଉପକୃତ ହୋଇ ଆସୁଛନ୍ତି । ନୂତନ ଜ୍ଞାନକୌଶଳର ପ୍ରୟୋଗ ଓ କୃଷି ବୈଜ୍ଞାନିକମାନଙ୍କ ସୁପରାମର୍ଶ ଫଳରେ ଏହି ଜିଲ୍ଲାର କୃଷି ଉତ୍ପାଦନ ଯଥା: ଧାନ, ଡାଲିଜାତୀୟ ଫସଲ, ତୈଳବୀଜ, ପନିପରିବା, ଫଳଚାଷ, ଗୋପାଳନ, କୁକୁଡ଼ା ପାଳନ ଓ ମତ୍ସ୍ୟଚାଷ ଇତ୍ୟାଦିରେ ରାଜ୍ୟରେ ଅଗ୍ରଣୀ ଭୂମିକା ଗ୍ରହଣ କରିଅଛି । ଏତଦ୍‌ବ୍ୟତୀତ ମହିଳାମାନେ ଛତୁଚାଷ କରିବାଦ୍ୱାରା, ଘର ଅଗଣାରେ କୁକୁଡ଼ା ପାଳନ ଆଦି କରିବା ଫଳରେ ସେମାନଙ୍କର ଆର୍ଥିକ ଉନ୍ନତିରେ ବିଶେଷ ସହାୟକ ହୋଇଅଛି । କେନ୍ଦ୍ରଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଆମ ଚାଷୀଭାଇମାନଙ୍କୁ ନୂତନ ତଥ୍ୟ ଯୋଗାଇବାରେ ସହାୟକ ହେଉଛ । ନୂତନ ଜ୍ଞାନକୌଶଳର ସଂପ୍ରସାରଣ ପାଇଁ କୃଷି ବିଜ୍ଞାନକେନ୍ଦ୍ର ଦ୍ୱାରା ଏକ ତ୍ରୈମାସିକ ପତ୍ରିକା 'ଇସ୍ପାତ କୃଷି ବାର୍ତ୍ତା' ପ୍ରକାଶ ପାଉଅଛି । ବର୍ତ୍ତମାନ ତୃତୀୟ ବର୍ଷର ତୃତୀୟ ସଂଖ୍ୟା ପ୍ରକାଶ ପାଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଏହା ଆମର କୃଷକ ଓ କୃଷିଜୀବୀ ମହିଳା ତଥା ସୁନ୍ଦରଗଡ଼ ଜିଲ୍ଲାର କୃଷି ଏବଂ ଆନୁସଂଗିକ କ୍ଷେତ୍ରରେ ନିୟୋଜିତ ସମସ୍ତ କ୍ଷେତ୍ର କର୍ମଚାରୀ ତଥା କୃଷିଜୀବୀମାନଙ୍କୁ ନୂତନ ଦିଗ୍‌ଦର୍ଶନ ଦେବାରେ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ ।

## କୁଳପତିଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼, ରାଉରକେଲା ଇସ୍ପାତ କୃଷି ବାର୍ତ୍ତା ପ୍ରକାଶ କରୁଥିବାର ଜାଣି ମୁଁ ବହୁତ ଆନନ୍ଦିତ । ସୁନ୍ଦରଗଡ଼ ଓଡ଼ିଶାର ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହେଲେ ମଧ୍ୟ ଏହାର ଜନସାଧାରଣଙ୍କର ମୁଖ୍ୟ ଜୀବିକା କୃଷି, ପଶୁପାଳନ ଓ ଜଙ୍ଗଲ ସମ୍ପଦ ଉପରେ ପର୍ଯ୍ୟବେସିତ । କିନ୍ତୁ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗର ଅଭାବ ଯୋଗୁଁ ଏହି ଜିଲ୍ଲାର ଗ୍ରାମୀଣ ଅର୍ଥନୀତିର ଅବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ । ଜିଲ୍ଲାର କୃଷକ ସଂପ୍ରଦାୟର ସାମଗ୍ରିକ ଉତ୍‌ଥାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏହି ଜିଲ୍ଲାର ଦ୍ୱିତୀୟ କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏହା ଜଳବାୟୁ ମଣ୍ଡଳ ଭିତ୍ତିରେ କୃଷକ ଜମିରେ ବିଭିନ୍ନ କୃଷିଭିତ୍ତିକ ନୂତନ ଜ୍ଞାନକୌଶଳକୁ ପରୀକ୍ଷଣ କରି ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ଓ ପ୍ରଶିକ୍ଷଣ ମାଧ୍ୟମରେ ପ୍ରସାରଣ କରିବାର କାର୍ଯ୍ୟକ୍ରମ ଗ୍ରହଣ କରିଆସୁଅଛି । ଜିଲ୍ଲା ଜନସଂଖ୍ୟାର ପ୍ରମୁଖ ଅଂଶ, ଆଦିବାସୀ ସଂପ୍ରଦାୟକୁ ବୈଜ୍ଞାନିକ ଜ୍ଞାନକୌଶଳ ସହାୟତା ପ୍ରଦାନକରି ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କରାଇବାରେ ଏହି କେନ୍ଦ୍ର ପ୍ରଚେଷ୍ଟାରତ । କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲାର କିଛି ପ୍ରମୁଖ କାର୍ଯ୍ୟାବଳୀକୁ ନେଇ ଏହି ତ୍ରୟମାସିକ ପତ୍ରିକା 'ଇସ୍ପାତ କୃଷି ବାର୍ତ୍ତା' ପ୍ରକାଶ ପାଇବାକୁ ଯାଉଛି । ଏହା ଜିଲ୍ଲାର ସମସ୍ତ କୃଷିଜୀବି ମହିଳା, ପୁରୁଷ ଓ ଯୁବବନ୍ଧୁମାନଙ୍କୁ ପ୍ରେରଣା ଯୋଗାଇବା ସହିତ କୃଷିକ୍ଷେତରେ ସହାୟକ ହେବ । ମୁଁ ଏହି ପତ୍ରିକାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

## ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଉତ୍ସବ



ଡିସେମ୍ବର ୫ ତାରିଖଟିକୁ ଆନ୍ତର୍ଜାତିକ ମୃତ୍ତିକା ସ୍ୱାସ୍ଥ୍ୟ ଦିବସ ରୂପେ ଘୋଷଣା କରାଯାଇଥିଲା କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ଏହା ନୂଆଁ ଗାଁ ବ୍ଲକରେ ଚିକିଟିଆ ଗ୍ରାମଠାରେ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ମୃତ୍ତିକା ନମୂନା ସଂଗ୍ରହ କରାଯାଇ ଏହା ପରୀକ୍ଷିତ ହୋଇଥିଲା ଓ ଅନ୍ୟାନ୍ୟ ୪୦୦ ଜଣ ଚାଷୀଙ୍କୁ ଏହି ଅବସରରେ ସେମାନଙ୍କ ମୃତ୍ତିକା ନମୁନାର ସଂରଚନା ଲିପିବଦ୍ଧ ହୋଇଥିବା କାର୍ଡ ବଣ୍ଟନ କରାଯାଇଥିଲା । ନୂଆଁ ଗାଁ ବ୍ଲକର ଚେୟାରମେନ ଶ୍ରୀମତୀ ସୁଶୀଲା ତିର୍କୀ ଏଥିରେ ଅଧକ୍ଷତା କରିଥିଲେ ଓ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସିସିଲିୟା ତିର୍କୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

## କୃଷିଜୀବି ମହିଳା ଦିବସ ପାଳିତ




କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ନୂଆଁ ଗାଁ ବ୍ଲକର ଆଦିବାସୀ ଅଧ୍ୟୁସିତ ଗୁଡୁଗୁଡ଼ା ଗ୍ରାମ ଠାରେ ଚଳିତ ବର୍ଷ ଡିସେମ୍ବର ୪ ତାରିଖରେ କୃଷିଜୀବୀ ମହିଳା ଦିବସ ପାଳନ କରାଯାଇଥିଲା । ଏହି ଉତ୍ସବ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସଂଯୋଜକ ଜୟନ୍ତ କୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଓୟୁଏଟିର କୃଷି ଯାନ୍ତ୍ରିକ ମହାବିଦ୍ୟାଳୟର ବୈଜ୍ଞାନିକ ଡ.ସଂଗ୍ରାମ କେଶରୀ ସ୍ୱାଇଁ ମହିଳାମାନଙ୍କୁ ଉଦ୍‌ବୋଧନ ଦେଇ କୃଷିକାର୍ଯ୍ୟରେ ଶ୍ରମଭାର ଲାଘବ ଓ କୃଷିକାର୍ଯ୍ୟ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଉପଚାର ବିଷୟରେ ଆଲୋକପାତ କରିଥିଲେ । ପ୍ରାଣୀଚିକିତ୍ସିକା ଡାକ୍ତର ରଜନୀ ଏକ୍କା ଯୋଗ ଦେଇ ମହିଳାମାନଙ୍କୁ ଉନ୍ନତ ପଶୁପାଳନ ବିଷୟରେ ଅବଗତ କରାଇଥିଲେ । ସ୍ଥାନୀୟ ଉଦ୍ୟାନ ବିଭାଗ ଅଧିକାରୀ ଯୋଗଦେଇ ଉଦ୍ୟାନ ଫସଲର ବ୍ୟବସାୟିକ ଦିଗ ଉପରେ ଆଲୋକପାତ କରିଥିଲେ । ଉକ୍ତ ଉତ୍ସବରେ ପାଖାପାଖି ପାଞ୍ଚଟି ଗ୍ରାମରୁ ଅନ୍ୟୁନ ୧୦୦ ଜଣ କୃଷିଜୀବୀ ମହିଳା ଯୋଗ ଦେଇଥିଲେ ।

## ଜୟ କିସାନ ଜୟ ବିଜ୍ଞାନ ଦିବସ ପାଳନ




ସୁନ୍ଦରଗଡ଼ ଜିଲ୍ଲାର ଗୁରୁଣ୍ଡିଆ ବ୍ଲକରେ ଥିବା ମାନ୍ୟବର ସଂସଦଙ୍କ ତରଫରୁ ପୋଷ୍ୟଗ୍ରାମ ରୂପେ ପରିଚିତ ନୁନିଆପାଲି ଗ୍ରାମରେ କୃଷିବିଜ୍ଞାନ କେନ୍ଦ୍ର ରାଉରକେଲା ଓ କିରେଇ ଦ୍ୱାରା ଡିସେମ୍ବର ୨୩ ତାରିଖକୁ ଜୟ କିସାନ ଜୟ ବିଜ୍ଞାନ ଦିବସ ରୂପେ ପାଳନ କରାଯାଇଥିଲା । ଏହି ଉତ୍ସବରେ ସାଂସଦଙ୍କ ପ୍ରତିନିଧି ରୂପେ ଶ୍ରୀଯୁକ୍ତ ନିରଞ୍ଜନ ସିଂହ ଯୋଗଦେଇ ଗୁରୁଣ୍ଡିଆ ବ୍ଲକରେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକୁ ପ୍ରସଂସା କରିଥିଲେ ଏବଂ ଏଥିରେ ସେହି ଅଞ୍ଚଳର କୃଷକମାନଙ୍କ ସହଯୋଗ ପାଇଁ ସେମାନଙ୍କୁ ସଚେତନ କରାଇଥିଲେ । ଗୁରୁଣ୍ଡିଆ ବ୍ଲକର ଚେୟାରମ୍ୟାନ ଅପିନ୍ଦ୍ର କିଶାନ ମଧ୍ୟ ଏହି ଉତ୍ସବରେ କୃଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ଉତ୍ସବରେ ସ୍ଥାନୀୟ ପ୍ରାଣୀ ଚିକିତ୍ସା ଅଧିକାରୀ, ତହସିଲଦାର, କୃଷି ବିଭାଗ ଅଧିକାରୀ ଓ ସ୍ଥାନୀୟ ନେତା ଓ ଲୋକପ୍ରତିନିଧି ମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପ୍ରଚଣ୍ଡ ଶୀତ ସହିତ ମେଘୁଆପାଗ ହୋଇଥିଲେ ସୁଦ୍ଧା ଅନ୍ୟୁନ ୨୦୦ ଚାଷୀ ଓ ମହିଳା ଯୋଗ ଦେଇଥିଲେ ଏବଂ ସଭା ଶେଷ ହେବା ପରେ ସମସ୍ତେ ରୋଡ଼ ସୋ କାର୍ଯ୍ୟକ୍ରମରେ ଭାଗନେଇ କୃଷିର ଉପଯୋଗିତା ବିଷୟ ସ୍ଲୋଗାନ ଦେଇ ଗ୍ରାମରେ ପରିକ୍ରମା କରିଥିଲେ ।



## ବିଶ୍ୱ ଖାଦ୍ୟ ଦିବସ ପାଳିତ



କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ଦ୍ୱାରା ଲାଠିକଟା ବ୍ଲକ୍‌ରେ ମୁଣ୍ଡାଯୋର ଗ୍ରାମରେ ଅକ୍ଟୋବର ୧୬ ତାରିଖରେ ବିଶ୍ୱଖାଦ୍ୟଦିବସ ପାଳିତ ହୋଇଛି । ଏହି ରାସ୍ତାରେ ଅନ୍ୟାନ୍ୟ ପାଞ୍ଚଟି ଗ୍ରାମରୁ ୫୦ ଜଣ ଚାଷୀ ଓ କୃଷିଜୀବୀ ମହିଳା ଯୋଗ ଦେଇଥିଲେ । ଏହି ଉତ୍ସବରେ ଖାଦ୍ୟ ନିରପତ୍ତା ସୃଷ୍ଟିଦିଗରେ କୃଷିକାର୍ଯ୍ୟର ମହତ୍ତ୍ୱ ସଂମ୍ପର୍କରେ ଆଲୋକପାତ କରାଯାଇଥିଲା । ଉନ୍ନତ ବିହନ, ରୋଗମୁକ୍ତି ଚରା, ସୁକ୍ଷମ ଖାଦ୍ୟସାର ଓ ରୋଗପୋକ ପରିଚାଳନା ଦ୍ୱାରା କିପରି ଉତ୍ପାଦନର ପରିମାଣ ବୃଦ୍ଧି ହୋଇପାରିବ ସେ ବିଷୟରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଖାଦ୍ୟ ଦ୍ରବ୍ୟର ସଂରକ୍ଷଣ ଏବଂ ମୂଲ୍ୟ ବୃଦ୍ଧିକରଣ ଦ୍ୱାରା ମଧ୍ୟ ଶସ୍ୟ ଓ ପନିପରିବା ନଷ୍ଟକୁ ରୋକିବା ଏବଂ ରୋଜଗାରର ପରିମାଣକୁ ବୃଦ୍ଧି କରିବା ପାଇଁ ମହିଳାମାନଙ୍କ ଭିତରେ ସଚେତନତା ସୃଷ୍ଟି କରାଯାଇଥିଲା । ନୂଆଁ ଗାଁ ବ୍ଲକ୍‌ର ଚିକିଟିଆ, ପତ୍ରାପାଲି ଓ ଗୁଡୁଗୁଡ଼ା ଗ୍ରାମର ଚାଷୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

## ଜନଜାତି ଉପଯୋଜନା ତରଫରୁ ଆଦିବାସୀ ମହିଳାମାନଙ୍କ ଦ୍ୱାରା ରଙ୍ଗିନ କୁକୁଡା ପାଳନ



ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ବହୁଳ ହୋଇଥିବାରୁ ଜନଜାତି ଉପଯୋଜନା ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଆଦିବାସୀ ମହିଳାମାନଙ୍କ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି କରିବା ପାଇଁ ସେମାନଙ୍କୁ ଘର ଅଗଣାରେ ରଙ୍ଗୀନ କୁକୁଡ଼ା ପାଳନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିଲେ । ଏଥିରେ ପ୍ରଧାନପାଲି, ଗୁଟିଦରହ, ଗୁଡୁଗୁଡ଼ା ଇତ୍ୟାଦି ଗ୍ରାମର ପ୍ରାୟ ୨୦୦ ଜଣ ଆଦିବାସୀ ମହିଳାଙ୍କୁ ୧୦ଟି ଲେଖାଏଁ ଏକ ମାସ ହୋଇଥିବା ବନରାଜା କୁକୁଡ଼ା ଚିଆଁ ପ୍ରଦାନ କରାଯାଇଥିଲା । ଏହି କୁକୁଡ଼ାମାନଙ୍କ ଟିକାଦାନ ଓ ଚିକିତ୍ସା ବ୍ୟବସ୍ଥା ମଧ ସ୍ଥାନୀୟ ପଶୁ ଚିକିତ୍ସା ଅଧିକାରୀ ଏବଂ ସହାୟତାରେ କରାଯାଇଥିଲା । କୁକୁଡ଼ା ଚିଆଁ ଗୁଡ଼ିକୁ ସଠିକ ଭାବରେ ଯତ୍ନ ନେବା ପାଇଁ ଉକ୍ତ ମହିଳାମାନଙ୍କୁ ତାଲିମ ପଦାନ କରାଯାଇଥିଲା । ଏହା ଫଳରେ କୁକୁଡ଼ା ଗୁଡ଼ିକ ସୁସ୍ଥଭାବରେ ବୃଦ୍ଧିଲାଭ କରିଥିଲେ । ୩ ମାସ ପରେ ଉକ୍ତ କୁକୁଡ଼ା ଗୁଡ଼ିକର ଶରୀର ଓଜନ ୨ କିଗ୍ରାରୁ ୨ କିଗ୍ରା ୩୦୦ ଗ୍ରାମ ପର୍ଯ୍ୟନ୍ତ ବୃଦ୍ଧିପାଇଛି । ଛଅମାସ ପରେ ଏହି କୁକୁଡ଼ାଗୁଡ଼ିକ ଅଣ୍ଡା ଦେବା ପାଇଁ ସକ୍ଷମ ହୋଇପାରିବେ ।

## ବର୍ଷା ଦିନିଆ ଝୁଡ଼ଙ୍ଗର ସଫଳ କ୍ଷେତ୍ର ପରୀକ୍ଷଣ

କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ନିଜର ପୋଷ୍ୟଗ୍ରାମ ପାତ୍ରପାଲି ଏବଂ ଗୁଡୁଗୁଡ଼ା ଗ୍ରାମରେ ଝୁଡ଼ଙ୍ଗ ଫସଲ ଉପରେ ଏକ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଏହା ମାଧ୍ୟମରେ ଚାଷୀମାନଙ୍କୁ ତିନୋଟି ଉନ୍ନତ କିସମର ଝୁଡ଼ଙ୍ଗ ବିହନ ପ୍ରଦାନ କରାଯାଇଥିଲା । ଏଥିପାଇଁ ଝୁଡ଼ଙ୍ଗ ଚାଷ ବିଷୟରେ ସେମାନଙ୍କୁ ଆବଶ୍ୟକୀୟ ତାଲିମ୍ ପ୍ରଦାନ କରାଯାଇଥିଲା ଏବଂ ସେହି ଜ୍ଞାନ କୌଶଳକୁ ଅବଲମ୍ବନ କରି ଝୁଡ଼ଙ୍ଗର ତିନୋଟି କିସମ କାଶୀକାଞ୍ଚନ ଗାୟତ୍ରୀ ଏବଂ ତ୍ରିଗୁଣାର ଉତ୍ପାଦନ କ୍ଷମତାକୁ ପରୀକ୍ଷା କରାଯାଇଥିଲା । ଚାଷୀମାନେ ପ୍ରାୟ ୨୦ ଡିସିମିଲ୍ ଯାଗାରେ ପ୍ରତ୍ୟେକ କିସମରୁ ଚାଷକରି କାଶୀକାଞ୍ଚନରୁ ୮.୭ କ୍ୟୁଣ୍ଟାଲ୍ ତ୍ରିଗୁଣାରୁ ୬.୨ କ୍ୟୁଣ୍ଟାଲ୍ ଏବଂ ଗାୟତ୍ରୀରୁ ୫.୮ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ । ତିନୋଟିଯାକ କିସମ ମଧ୍ୟରୁ କାଶୀକାଞ୍ଚନର ଅମଳ କ୍ଷମତା, ସ୍ୱାଦ ଏବଂ ବଜାରରେ ଗ୍ରାହକ ପସନ୍ଦଯୋଗ୍ୟ ହେଇଥିବା ଯୋଗୁଁ ଆଗାମୀ ବର୍ଷାଦିନେ ଚାଷୀମାନେ କାଶୀକାଞ୍ଚନ କିସମକୁ ଅଧିକ ଜମିରେ ଚାଷ କରିବା ପାଇଁ ମନସ୍ଥ କରିଛନ୍ତି ।



## ସାରୁ କିସମ ମୁକ୍ତକେଶୀର ସଫଳ ଆଗୁଆ ଧାଡ଼ି ପ୍ରଦର୍ଶନ



ବର୍ଷାଦିନେ ସାଧାରଣତଃ ସୁନ୍ଦରଗଡ଼ ଜିଲ୍ଲାରେ ଚାଷୀମାନେ ସାରୁକୁ ଏକ ପ୍ରମୁଖ ଫସଲ ରୂପେ ଗ୍ରହଣ କରିଥାନ୍ତି । କିନ୍ତୁ ଉନ୍ନତ କିସମର ଅଭାବ ଏବଂ ଉପଯୁକ୍ତ ଜ୍ଞାନ କୌଶଳର ଅଭାବ ଯୋଗୁଁ ସେମାନେ ଏହି ଫସଲରୁ ଆଶାନୁରୂପ ଲାଭ ପାଇପାରିନଥାନ୍ତି । ଏହି ଅସୁବିଧାକୁ ପାଥେୟ କରି କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ନୂଆଁ ଗାଁ ବ୍ଲକ୍ ଅନ୍ତର୍ଗତ ଗୁଡୁଗୁଡ଼ା ଗ୍ରାମରେ ସାରୁ ଫସଲ ଉପରେ ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିରେ ଚାଷୀମାନଙ୍କୁ ଉନ୍ନତ କିସମ ସାରୁ ମୁକ୍ତକେଶୀକୁ ବର୍ଷା ଆରମ୍ଭ ପୂର୍ବରୁ ପ୍ରଦାନ କରାଯାଇଥିଲା । ଏହା ସହିତ ଚାଷୀମାନଙ୍କୁ ସାରୁ ଚାଷ ବିଷୟରେ ଆବଶ୍ୟକୀୟ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି ସାରୁ ଚାଷ କରି ସେମାନେ ହେକ୍ଟର ପ୍ରତି ପ୍ରାୟ ୨୩୫ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ କିସମ ଅପେକ୍ଷା ୧୫% ଅଧିକ ଥିଲା । ମୁକ୍ତକେଶୀ କିସମର ଏତାଦୃଶ ସଫଳତାକୁ ଉପଲବ୍ଧ କରି ଆଗାମୀ ଦିନରେ ଚାଷୀମାନେ ଏହି କିସମକୁ ବହୁ ପରିମାଣରେ ଚାଷ କରିବା ପାଇଁ ସ୍ଥିର କରିଛନ୍ତି ।